# ତହସିଲଦାରଙ୍କ କାର୍ଯ୍ୟାଳୟ, ବାମରା

(Rule 34(e) Odisha Survey And Settlement Rues,1962)

## ସର୍ବସାଧାରଣ ବିଜ୍ଞପ୍ତି

ପ୍ରୋ° ସ° ନ° – 658/67-2023

ମୋକଦ୍ଦମା ନ° - Misc Case No. 26/2023

ଏତଦ ଦ୍ୱାରା ମୌଜା- ଡୁମେରମୁଣ୍ଡା ସାନ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା- ଡୁମେରମୁଣ୍ଡା ସାନ ଅନ୍ତର୍ଗତ ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାରଙ୍କୁ ଉଚ୍ଚିତ ଜଳଭଣ୍ଡାର ପାନୀୟ ଜଳ ଯୋଗାଣ ପରିକଳ୍ପନା (Construction of Elevated Storage Reservoir Mega Drinking Water Supply Project) ନିର୍ମାଣ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ ହୋଇଅଛି । ଆବେଦନ କରାଯାଇଥିବା ଖାତା ୪୪ (ଅନାବାଦୀ ) ର ପ୍ଲଟ ନମ୍ବର ୨୮୭ ର ମନ୍ତବ୍ୟ , ବର୍ତ୍ତମାନ ସମୟରେ ଜମିର ହାଲ ଚରିତ୍ର ସହିତ କୌଣସି ସମ୍ପର୍କ ରଖୁନଥିବାରୁ ଓଡ଼ିଶା ସର୍ଭେ ଓ ବନ୍ଦୋବସ୍ତ ଅଧିନିୟମ, ୧୯୬୨ ର ଧାରା ୩୪ (e)ମତେ ମନ୍ତବ୍ୟ ଖାନାକୁ ଖାରଜ କରାଯିବ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ,ତେବେ ଏହି ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଲିଖିତ ଆକାରରେ ଆପତ୍ତି ଦରଖାସ୍ତ ଟ. ୨୦.୦୦ କୋର୍ଟ ଫିଜ ଦେଇ ନିମ୍ନ ସାକ୍ଷାରକାରୀଙ୍କ ଅଦାଲତରେ ଆପତ୍ତି କଲେ ନିୟମାନୁଯାୟୀ ବିଚାରକୁ ନିଆଯିବ ନିର୍ଦ୍ଧାରିତ ସମୟ ଅତିବାହିତ ପରେ ଆପତ୍ତି କଲେ କାହାରି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ।

" ତଫସିଲ ଭୁକ୍ତ ଜମି "

| ମୌଜା | ହାଲ ଖାତା ନମ୍ବର | ହାଲ ଖାତା ର ପ୍ରକାର | ହାଲ ପ୍ଲଟ ନମ୍ବର | ହାଲ କିସମ | ରକବା ଏକର | ମନ୍ତବ୍ୟ |
|---|---|---|---|---|---|---|
| ଡୁମେରମୁଣ୍ଡା ସାନ | ୪୪ | ଅନାବାଦୀ | ୨୮୭ | ପତିତ | ୦.୧୫ | ଓଡ଼ିଶାର ଯବାନ ମାନଙ୍କ ପାଇଁ ସଂରକ୍ଷିତ |
| ମୋଟ | ୧ | ୧ | | | ୦.୧୫ | |

ତହସିଲଦାର, ବାମରା
Tahasildar
Bamra, Sambalpur

ଜ୍ଞାପକ ସଂଖ୍ୟା ୧୪୧୬ ତା 05.07.2023

ଏହାର ଏକକିତା ନକଲ ସରପଞ୍ଚ, ଲରିଆପାଲି / ରାଜସ୍ୱ ନିରୀକ୍ଷକ, ଜରାବଗା ଙ୍କ ପାଖକୁ ବହୁଳ ପ୍ରଚାରସକାଶେ ପ୍ରେରଣ କରାଗଲା । ଏକ ନକଲ ଏହି କାର୍ଯ୍ୟାଳୟ ର ବିଜ୍ଞପ୍ତି ଫଳକ ରେ ଲଗାଗଲା ।

ତହସିଲଦାର, ବାମରା
Tahasildar
Bamra, Sambalpur

Scanned with OKEN Scanner

ଜ୍ଞାପକ ସଂଖ୍ୟା ୧୪୧୩ ତା ୦୫.୦୭.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ(District Information Officer, NIC, Sambalpur) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତିହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟ ରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ବାମରା

Tahasildar
Bamra, Sambalpur